# ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ, ଓଡ଼ିଶା

ସମନ୍ୱିତ ଉପକୂଳ ପରିଚାଳନା ପ୍ରକଳ୍ପ ଓଡ଼ିଶାର ୧୯୬ କି.ମି. ବ୍ୟାପି ଉପକୂଳବର୍ତ୍ତୀ ଅଞ୍ଚଳର ଦୁଇଟି ଭାଗରେ ଯଥା ଗୋପାଳପୁର ଠାରୁ ଚିଲିକା ଏବଂ ପାରାଦ୍ୱୀପ ଠାରୁ ଧାମରା ମଧ୍ୟରେ କାର୍ଯ୍ୟକାରୀ ହୋଇଅଛି । ଏହି ପ୍ରକଳ୍ପ ମାଧ୍ୟମରେ ନିମ୍ନୋକ୍ତ ଉଲ୍ଲେଖଯୋଗ୍ୟ ଲକ୍ଷ୍ୟସାଧନ ହୋଇଛି:

୧. ୬୪୦ଟି ସ୍ୱୟଂ ସହାୟକ ଦଳ ମାଧ୍ୟମରେ ୯,୬୦୦ ଉପଭୋକ୍ତାଙ୍କୁ ବିକଳ୍ପ ଜୀବନ-ଜୀବିକା ପ୍ରଦାନ କରାଯାଇଛି ଯଦ୍ୱାରା ଉପକୂଳବର୍ତ୍ତୀ ସାମୁଦ୍ରିକ ସମ୍ବଳର ଅବକ୍ଷୟ ବହୁଳ ପରିମାଣରେ ରୋକା ଯାଇପାରିଛି ।

୨. କେନ୍ଦ୍ରାପଡ଼ା ଜିଲ୍ଲାର ପେଣ୍ଠ ଗ୍ରାମର ତଟବର୍ତ୍ତୀ ଶଯ୍ୟାରେ ଏକ ଜିଓ-ସିନ୍ଥେଟିକ୍ ଟ୍ୟୁବ୍ ପ୍ରୟୋଗ ଦ୍ୱାରା ସମୁଦ୍ରିକ ଲହଡ଼ିରୁ ଛଅଟି ଗ୍ରାମ ପଞ୍ଚାୟତର, ୫୮ଟି ଗ୍ରାମରେ ବସବାସ କରୁଥିବା ୪୧,୨୨୨ ଲୋକଙ୍କର ଧନ ଓ ଜୀବନକୁ କ୍ଷୟ ଓ ବିପ୍ାତରୁ ରକ୍ଷା କରିବା ପାଇଁ ଏକ ସୁଦୃଢ଼ ବନ୍ଧ ନିର୍ମାଣ କରାଯାଇଛି ।

୩. ପ୍ରାକୃତିକ ବିପର୍ଯ୍ୟୟ ସମୟରେ ୧୪,୦୦୦ ଲୋକଙ୍କୁ ଆଶ୍ରୟ ପ୍ରଦାନ କରିବା ପାଇଁ ପୁରୀ, ଗଞ୍ଜାମ ଓ କେନ୍ଦ୍ରାପଡ଼ାର ୧୪ଟି ସ୍ଥାନରେ ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳି ନିର୍ମାଣ କରାଯାଇଅଛି ।

୪. ୩୨୩ ହେକ୍ଟର ଜମିରେ ଲୁଣା ଜଙ୍ଗଲ ସୃଷ୍ଟି ଦ୍ୱାରା ସେହି ଅଞ୍ଚଳର ଜୈବ ବିବିଧତାର ସମୃଦ୍ଧି କରାଯାଇଅଛି ।

୫. ପାରାଦ୍ୱୀପ ଅଞ୍ଚଳରେ ତଟିୟ ପ୍ରଦୂଷଣ ରୋକିବା ନିମନ୍ତେ ଏକ ପରିବେଶ ଅନୁକୂଳ ତଟିୟ ପରିବେଶ ପରିଚାଳନା କେନ୍ଦ୍ର (CMCE) ପ୍ରତିଷ୍ଠା କରାଯାଇଛି । ଏହା ସହିତ ଏକ କ୍ଷୁଦ୍ର ଜାହଜ ସାହାର୍ଯ୍ୟରେ ପାରାଦ୍ୱୀପ ଓ ଧାମରା ମଧ୍ୟରେ ଥିବା ତଟିୟ ପରିବେଶକୁ ଯାଞ୍ଚ କରାଯାଉଛି ।

୬. ସାତୋଟି ଐତିହାସିକ କୀର୍ତ୍ତିରାଜର ପୁନରୁଦ୍ଧାର ଦ୍ୱାରା ପର୍ଯ୍ୟଟକଙ୍କର ସଂଖ୍ୟା ବୃଦ୍ଧି ଓ ଐତିହ ସଂରକ୍ଷଣ ହୋଇଛି ।

୭. ଚିଲିକା ହ୍ରଦ ଚାରିପଟେ ଥିବା ଛଅଟି ସ୍ଥାନରେ ଗୋଷ୍ଠୀଭିତ୍ତିକ ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ କରାଯାଇଥିବା ଯୋଗୁଁ ସେହି ଅଞ୍ଚଳର ୫୫ ପ୍ରତିଶତ ରୋଜଗାର ବୃଦ୍ଧି ହୋଇପାରିଛ ।

୮. ଚିଲିକା ପାଖରେ ଥିବା ଆର୍ଦ୍ରଭୂମି ଗବେଷଣା ଓ ତାଲିମ କେନ୍ଦ୍ର (ଡବ୍ଲୁ.ଆର୍.ଟି.ସି) ର ଉନ୍ନତିକରଣ ଓ ଗବେଷଣାଗାର ନିମନ୍ତେ ଉପକରଣର ବ୍ୟବସ୍ଥା କରାଯାଇଅଛି ।

୯. ପରିକ୍ଷାମୂଳକ ଭାବରେ ନିର୍ମାଣ କରାଯାଇଥିବା ଭିତ୍ତିଭୂମି ଗୁଡ଼ିକ ଜଳବାୟୁ ପରିବର୍ତ୍ତନ ପ୍ରତିରୋଧ ଅନୁକୂଳ ଅଟେ ।

୧୦.ସମନ୍ୱିତ ଉପକୂଳ କ୍ଷେତ୍ର ପରିଚାଳନା ଯୋଜନା (ICZM Plan) ଦ୍ୱାରା ଉପକୂଳବର୍ତ୍ତୀ ଅଞ୍ଚଳରେ ବିଭିନ୍ନ ବିଭାଗର ଉନ୍ନୟନ ମୂଳକ କାର୍ଯ୍ୟର ସମନ୍ୱୟ ରକ୍ଷା କରାଯାଉଛି ।